ଓଡ଼ିଶା ଭାସ୍କର
ODISHA BHASKAR
Odisha Bhaskar

# ସାହିତ୍ୟିକା ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୨ ପାଇଁ ମନୋନୀତ ହୋଇଥିବାରୁ ସାହିତ୍ୟିକା ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଛନ୍ତି। ରାଜ୍ୟ ପାଇଁ ଖ୍ୟାତି ଆଣିଥିବାରୁ ତାଙ୍କୁ ପ୍ରଶଂସା କରିଥିଲେ। ଏହି ପୁରସ୍କାର ତାଙ୍କ କ୍ୟାରିୟରର ଏକ ବଡ଼ ମାଇଲଖୁଂଟ ହେବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ଅବସରରେ ଶ୍ରୀମତୀ ପଣ୍ଡା ନିଜର କବିତା ସଂକଳନ ପ୍ରଦାନ କରିଥିଲେ । ଏହି ଅବସରରେ ଡ. ପଣ୍ଡାଙ୍କ ସ୍ୱାମୀ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଏବଂ ପୁଅ ମନୀତ୍ ମଙ୍ଗରାଜ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗୁରୁବାର ଦିନ ନୂଆଦିଲ୍ଲୀରେ ଅନୁଷ୍ଠିତ ସାହିତ୍ୟ ଏକାଡେମୀର କାର୍ଯ୍ୟକାରିଣୀ ବୈଠକରେ ୨୦୨୨ ବର୍ଷର ଏକାଡେମୀ ପୁରସ୍କାର ଘୋଷଣା କରାଯାଇଥିଲା। ସୁପରିଚିତ କବୟିତ୍ରୀ ଡ. ଗାୟତ୍ରୀବାଳା ପଣ୍ଡା ଓଡ଼ିଆରେ କବିତା ସଙ୍କଳନ 'ଦୟାନଦୀ' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିଲେ।